# ପିଲାଙ୍କ ଧରିତ୍ରୀ

ଶନିବାର, ୧୬ ଫେବୃୟାରୀ, ୨୦୧୯



ତୁମ ତୂଳୀରୁ ୩

୬ କବିତା

୮ ଆଇନା

୭ ଜଣା -ଅଜଣା










## ମତାମତ

"ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ଉଚିତ୍ ଶିକ୍ଷା'ଟି ବେଶ୍ ଶିକ୍ଷଣୀୟ ଥିଲା। ବାସ୍ତବରେ କାହାଠାରୁ ଯଦି ଆମେ ଅନୁଚିତ୍ ଉପାୟରେ ଟଙ୍କାଟିଏ ନେଇଯିବା ତେବେ ତାହା ତିନି ଗୁଣା ଉଧାର ହୋଇଯାଏ। – **ଅନିମେଷ ପାତ୍ର,** ଶାଳପଡା, କେନ୍ଦୁଝର

"ସରସ୍ୱତୀ ପୂଜା ଉପଲକ୍ଷେ ତୁମ ତୁଳୀରୁ ପୃଷ୍ଠାରେ ସ୍ଥାନ ପାଇଥିବା ମା' ସରସ୍ୱତୀଙ୍କର ସମସ୍ତ ଚିତ୍ର ଖୁବ୍ ସୁନ୍ଦର ହୋଇଥିଲା।
– **ନିକି, ସୋନି,** ବେଗୁନିଆ, ଖୋର୍ଦ୍ଧା

"ଜଣା ଅଜଣା ସ୍ତମ୍ଭଟି ବେଶ୍ ଶିକ୍ଷଣୀୟ ହେଉଛି। ଏହାକୁ ସମ୍ପୂର୍ଣ୍ଣ ଗୋଟିଏ ପୃଷ୍ଠାରେ ସ୍ଥାନିତ କରିବାକୁ ଅନୁରୋଧ।
– **ପରିଣିତା ସାହୁ,** ନରେନ୍ଦ୍ରପୁର, ଗଞ୍ଜାମ

"ଦେବୀ ସରସ୍ୱତୀଙ୍କର କବିତା ଦୁଇଟି ପଢି ଭଲ ଲାଗିଲା। ଆସ ଜାଣିବାରୁ ମା' ସରସ୍ୱତୀଙ୍କର ବିଭିନ୍ନ ନାମ ଜାଣିବାକୁ ପାଇଲି।
– **ଦୀପକ ମିଶ୍ର,** କାକୁଡିଆ, ଜଟଣୀ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com


ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795


# ପାଞ୍ଚ ମୂର୍ଖ

## ଗପ



ସାଧାରଣତଃ ଆମେ କହୁ ଯେ, ଯେଉଁମାନେ ପାଠଶାଠ ପଢ଼ି ନ ଥା'ନ୍ତି ସେମାନେ ମୂର୍ଖ। କିନ୍ତୁ ପ୍ରକୃତରେ ତା' ନୁହେଁ। ଅନେକ ସମୟରେ ପାଠଶାଠ ପଢ଼ିଥିବା ଲୋକେ ମଧ୍ୟ ମୂର୍ଖାମିର ପରିଚୟ ଦେଇଥାନ୍ତି। କାରଣ ଶିକ୍ଷା–ଦୀକ୍ଷା–ବୁଦ୍ଧି–ବିବେକ ଥାଇ ମଧ୍ୟ ସେମାନେ ତା'ର ସଦୁପଯୋଗ କରିପାରନ୍ତି ନାହିଁ। ଏହିପରି ଅନେକ ଉଦାହରଣ ଆମ ସମାଜରେ ଅଛି।

ଦିନକର କଥା। ସମ୍ରାଟ୍ ଆକ୍‌ବରଙ୍କ ସଭା ଚାଲିଥାଏ। ସଭାସଦ୍‌ମାନେ ଉପସ୍ଥିତ ଥା'ନ୍ତି। ତାଙ୍କ ଭିତରେ ଥା'ନ୍ତି ବୀର୍‌ବଲ। ସେ ଥିଲେ ଜଣେ ଅତି ଚତୁର ବ୍ୟକ୍ତି। ତେଣୁ ସମ୍ରାଟ୍ ତାଙ୍କୁ ବେଳେବେଳେ ବିଚିତ୍ର ବିଚିତ୍ର କାମ କରିବାକୁ କହନ୍ତି। ସେଦିନ ସେ ତାଙ୍କୁ କହିଲେ, ମାସକ ଭିତରେ ତାଙ୍କ ଅଦାଲତରେ ୫ଟି ମୂର୍ଖ ବ୍ୟକ୍ତିଙ୍କୁ ଆଣି ଉପସ୍ଥିତ କରିବାକୁ। ବୀର୍‌ବଲ ଚିନ୍ତାରେ ପଡ଼ିଗଲେ। ସେ ବୁଝିପାରିଲେନି ଯେ, ଏପରି ଆଦେଶ ସମ୍ରାଟ୍ କାହିଁକି ଦେଲେ। ତେବେ ଖାଲି ପାଞ୍ଚଜଣ ମୂର୍ଖ ବୋଲି କହି ଦରବାରରେ ହାଜର କଲେ ତ ଚଳିବନି। ସେ କଥା ପ୍ରମାଣ ବି କରିବାକୁ ପଡିବ। ଏଣୁ ବୀରବଲ ଅନେକ ଭାବିଚିନ୍ତି ବହୁତ ଖୋଜାଖୋଜି କଲେ। ମାସ ଶେଷକୁ ୨ ମୂର୍ଖ ବ୍ୟକ୍ତି ଆଣି ଆକ୍‌ବରଙ୍କ ସାମ୍‌ନାରେ ଉପସ୍ଥିତ କରାଇଲେ।

ସମ୍ରାଟ୍ ଏହା ଦେଖି ରାଗିଯାଇ ପଚାରିଲେ, ''ବୀରବଲ, ମୁଁ ତୁମକୁ ୫ ଜଣ ମୂର୍ଖ ବ୍ୟକ୍ତି ଆଣିବାକୁ କହିଥିଲି, ତୁମେ ଦୁଇଜଣ ଆଣିଛ କାହିଁକି ?''

ବୀରବଲ ଉତ୍ତର ଦେଲେ ''ମହାରାଜ ! ମୋତେ ସୁଯୋଗ ଦିଅନ୍ତୁ, ମୁଁ ପ୍ରଥମ ମୂର୍ଖକୁ ଆଣି ଆପଣଙ୍କ ସାମ୍‌ନାରେ ଉପସ୍ଥିତ କରାଇବି''।

ତା'ପରେ ସେ ପ୍ରଥମ ମୂର୍ଖକୁ ସମସ୍ତଙ୍କ ଆଗକୁ ଆଣି ଠିଆକଲେ ଓ କହିଲେ ''ମହାରାଜ! ଏ ଲୋକଟି ଥରେ ଶଗଡ଼ରେ ବସି ଯାଇଥିଲା। ସେତେବେଳେ ସେ ନେଉଥିବା ବୋଝକୁ ତା' ମୁଣ୍ଡରେ ରଖିଥିଲା। କାରଣ ସେ ଚାହୁଁଥିଲା ଯେ ବଳଦମାନଙ୍କ ଉପରେ ଅଧିକ ବୋଝ ନ ପଡୁ। ଏ ବୋଝ ତାଙ୍କ ଉପରେ ପଡୁଛି ବୋଲି ସେ ବୁଝିପାରୁ ନ ଥିଲା। ତେଣୁ ଏ ଲୋକଟି ଏକ ନମ୍ବର ମୂର୍ଖ।''

ଏହାପରେ ବୀରବଲ ଦ୍ୱିତୀୟ ମୂର୍ଖକୁ ଆଗକୁ ଆଣି ତା' ବିଷୟରେ କହିଲେ,''ଏ ଲୋକଟିର କୁଡ଼ିଆ ଘର ଉପରେ ଅନେକ ଘାସ ଉଠିଥିଲା। ତାକୁ ସେ ନ ଉପାଡ଼ି ତା' ଗାଈମାନଙ୍କୁ ବାଡ଼େଇ ବାଡ଼େଇ ବାଧ କରୁଥିଲା ତାହା ଚରିବା ପାଇଁ। ଏଣୁ ଏ ହେଲା ମୋ ବିଚାରରେ ଆଉ ଜଣେ ବଡ଼ ମୂର୍ଖ।''

ଏହାପରେ ବୀରବଲ ଏକାକୀ ସମସ୍ତଙ୍କ ଆଗରେ ଠିଆହେଲେ ଏବଂ ନିଜ ଛାତିରେ ହାତ ରଖି କହିଲେ– ''ମହାରାଜ! ଆମ ରାଜ୍ୟ ପାଇଁ ମୋର ଅନେକ ଭଲ କାମ କରିବାର ଅଛି। ସେ ସବୁ ଛାଡ଼ି ମୁଁ ଏ ମୂର୍ଖମାନଙ୍କୁ ଖୋଜିବାରେ ଗୋଟିଏ ମାସ କଟାଇ ଦେଲି। ଏଥିରେ ମୁଁ ଅନେକ ମୂଲ୍ୟବାନ ସମୟ ନଷ୍ଟ କଲି। ତେଣୁ ଏ ଦୃଷ୍ଟିରୁ ବିଚାର କଲେ ମୁଁ ନିଜେ ହେଉଛି ତୃତୀୟ ମୂର୍ଖ।

ତା' ପରେ ବୀରବଲ କିଛି ସମୟ ଚୁପ୍ ହୋଇଗଲେ। ତା' ପରେ ଆକ୍‌ବର ପଚାରିଲେ ''ବୀରବଲ ତୁମର ୪ର୍ଥ ଓ ୫ମ ମୂର୍ଖ କୁଆଡ଼େ ଗଲେ ?''


ବୀରବଲ ସାମାନ୍ୟ ହସିଲେ ଏବଂ ସମ୍ରାଟଙ୍କୁ ସଲାମ କରି କହିଲେ, ''କ୍ଷମା କରିବେ ମହାରାଜ, ଆପଣ ଏ ରାଜ୍ୟ ଓ ରାଜ୍ୟର ଲୋକମାନଙ୍କ ଭଲ ମନ୍ଦ ପାଇଁ ଉତ୍ତରଦାୟୀ। ସେ ସବୁ ବୁଝିବାକୁ ଆପଣ ମୋତେ ଏବଂ ଏ ସଭାରେ ଥିବା ଜ୍ଞାନୀ ଲୋକମାନଙ୍କୁ ନିଯୁକ୍ତ କରିଛନ୍ତି। କିନ୍ତୁ ମୋତେ ସେଥିପାଇଁ ବ୍ୟବହାର ନ କରି ମୂର୍ଖ ବ୍ୟକ୍ତି ଖୋଜିବା ଭଳି ଅକାରଣ କାମରେ ଲଗାଇଦେଲେ। ତେଣୁ ମୋ' ମତରେ ଆପଣ ହେଉଛନ୍ତି ୪ର୍ଥ ମୂର୍ଖ।

ସମସ୍ତେ ଭାବିଥିଲେ ଏ କଥା ଶୁଣି ସମ୍ରାଟ୍ ଭୀଷଣ ରାଗିଯିବେ ଏବଂ ବୀରବଲଙ୍କୁ ଦଣ୍ଡ ଦେବେ। ହେଲେ ଆକ୍‌ବର ଥିଲେ ଜଣେ ଭିନ୍ନ କିସମର ରାଜା। ସେ ଗୁଣ ଚିହ୍ନି ପାରୁଥିଲେ। ଏଣୁ ବୀର୍‌ବଲଙ୍କ କଥାରେ ସେ ବହେ ହସିଲେ ଏବଂ ହସୁ ହସୁ କହିଲେ –''ହେଲା.......ହେଲା, ତୁମେ ଠିକ୍ କଥା କହିଛ। ତେବେ ତୁମର ପଞ୍ଚମ ମୂର୍ଖ କିଏ ?''

ବୀରବଲ ତତ୍‌କ୍ଷଣାତ୍ ଜବାବ ଦେଲେ– ''ଆଜ୍ଞା ଜଣେ ନୁହେଁ, ଏ ସଭାର ସବୁ ସଭାସଦ୍। କାରଣ, ଏଭଳି ଏକ ଅଯଥା କଥା ଶୁଣିବାକୁ ସେ ସମସ୍ତେ ଆଗ୍ରହର ସହ ଚାହିଁ ବସିଛନ୍ତି.... ।''

ଏ କଥା ଶୁଣି ଆକ୍‌ବର ତାଙ୍କୁ କହିଲେ– ''ସାବାସ୍ ବୀରବଲ, ମୁଁ ତୁମଠାରୁ ଏହିଭଳି ଜବାବ ଆଶା କରୁଥିଲି... ।''

**–କନକଲତା ପରିଡ଼ା**
ଉଷା ନିବାସ, ଖଣ୍ଡଗିରି




## ଖିଲିଖିଲି ହସ

(ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)

ସୋନୁ: କହିଲୁ ମୋନୁ, ଦୁନିଆରେ ଯଦି ଇଲେକ୍ଟ୍ରି ନ ଥା'ନ୍ତା ଆମେ ଟିଭି କିପରି ଦେଖିଥାନ୍ତେ।

ମୋନୁ: (କିଛି ସମୟ ଭାବିବା ପରେ) ହଁ ମନେପଡ଼ିଲା

ସୋନୁ: କ'ଣ ?

ମୋନୁ: ମହମବତି ଲଗାଇ।

ମିକୁ: ଆରେ ଚିକୁ କହିଲୁ, ଆମେ କାହିଁକି ପାଣି ପିଇଥାଉ ?

ଚିକୁ: କହୁଛି।

ମିକୁ: କହୁନୁ ..

ଚିକୁ: ପାଣିକି ତ ଖାଇ ପାରିବୁନି ...

କ୍ଲାସରେ ମିସ୍ ପଢ଼ାଉଥିବା ସମୟରେ ପିଲାଙ୍କୁ କହିଲେ, ଯିଏ ତୁମମାନଙ୍କ ମଧ୍ୟରେ ମୂର୍ଖ ସିଏ ଠିଆ ହୋଇଯାଅ।

ଏହା ଶୁଣି ପପୁ ଠିଆ ହୋଇଗଲା।

ମିସ୍: ତୁମେ ମୂର୍ଖ କି ପପୁ ?

ପପୁ: ନା ମିସ୍, ଆପଣ ଏକୁଟିଆ ଠିଆ ହୋଇଥିବାର ଦେଖି ମୁଁ ଠିଆ ହୋଇଗଲି।

## ଚଗଲା ଭୀମୁ



ବିଜ୍ଞାନ କଥା

# ଜନପ୍ରିୟ ବିଜ୍ଞାନ ଲେଖାରେ ଛବିର ଆବଶ୍ୟକତା




● କମଳାକାନ୍ତ ଜେନା


ପୃଥିବୀପୃଷ୍ଠରେ ମଣିଷ ଆବିର୍ଭାବର ଅବଧିକୁ ଗୋଟିଏ ଦିନ ଧରିଲେ, ବୈଜ୍ଞାନିକ ଗବେଷଣାର ଅବଧି ଏଇମାତ୍ର ୫ ସେକେଣ୍ଡ । ଏଇ କେଇଟା ମୁହୂର୍ତ୍ତର ପଦାର୍ପଣ ଭିତରେ ବିଜ୍ଞାନ ଆମର ଜୀବନକୁ ସରସ ଓ ସୁନ୍ଦର କରିଛି । ଆମର କଳ୍ପନାକୁ ବାସ୍ତବରେ ପରିଣତ କରିପାରିଛି । ଜୀବନ ସହିତ ବିଜ୍ଞାନ ନିବିଡ ସମ୍ପର୍କ ସୃଷ୍ଟି କରିଛି । ଘରେ ବାହାରେ ସବୁଠାରେ ବିଜ୍ଞାନର ସ୍ୱାକ୍ଷର ଦେଖିବାକୁ ମିଳୁଛି । ତେଣୁ ଆଜିର ମଣିଷ ବିଜ୍ଞାନ ଯୁଗର ଭାଗ୍ୟବାନ୍ ଜୀବ ବୋଲି ନିଜକୁ ଘୋଷଣା କରିଛି । କିନ୍ତୁ ଦୁଃଖର କଥା, ବୈଜ୍ଞାନିକ ଜ୍ଞାନକୌଶଳ ହାତଗଣତି କେଇଜଣ ଗବେଷକଙ୍କ ନିକଟରେ ସୀମିତ ହୋଇରହିଛି । ନିଜକୁ ବିଜ୍ଞାନ ଯୁଗର ଭାଗ୍ୟବାନ ମଣିଷ ବୋଲି ଘୋଷଣା କରୁଥିବା ସାଧାରଣ ବ୍ୟକ୍ତିଟିଏ କେବଳ ବୈଜ୍ଞାନିକ ଆବିଷ୍କାର ଓ ଉଦ୍‌ଭାବନକୁ ଉପଭୋଗ କରୁଛି । କିନ୍ତୁ ବିଜ୍ଞାନକୁ ଜାଣିବା କିମ୍ବା ବୁଝିବା ପର୍ବଠାରୁ ଦୂରରେ ରହୁଛି । ବିଜ୍ଞାନର ସୂତ୍ର ଓ ମନ୍ତ୍ର ସହିତ ଅପରିଚିତ ବ୍ୟକ୍ତି କୁସଂସ୍କାର ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଛି । ବିଜ୍ଞାନର ସୂତ୍ର ବ୍ୟବହାର କରି କପଟିଆ ମନ୍ତ୍ର ପଢି ଚମତ୍କାରିତା ଦେଖାଉଥିବା ଭଣ୍ଡ ବାବାଜିର ଜୟଗାନ କରୁଛି । ବିଜ୍ଞାନ ଯୁଗର ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ସାଧାରଣ ବ୍ୟକ୍ତିକୁ ବୈଜ୍ଞାନିକ ଚେତନା ସହିତ ପରିଚିତ କରାଇବାର ଅନ୍ୟତମ ମାଧ୍ୟମ ହେଉଛି ଜନପ୍ରିୟ ବିଜ୍ଞାନ ପାଠ ।

ବିଜ୍ଞାନ ପାଠକୁ ଜନାଦୃତ କରିବାର ମନ୍ତ୍ର ଲୁଚିରହିଛି ବୋଧଗମ୍ୟ ପରିବେଷଣ ଶୈଳୀ ଭିତରେ । ସାଧାରଣ ପାଠକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଜ୍ଞାନଲେଖାରେ କଠିନ ଶବ୍ଦ ସଂଯୋଜନା ଓ ଅବୋଧ୍ୟ ପରିବେଷଣ ଶୈଳୀ ପାଠକର ହୃଦୟକୁ ଆପ୍ୟାୟିତ କରିପାରିବ ନାହିଁ । ବୈଜ୍ଞାନିକ ଚିନ୍ତାଧାରାଠାରୁ ସରଳ ପାଠକମନ ଦୂରେଇଯିବ । କିନ୍ତୁ ଲେଖା ସହିତ ଛବିର ବହୁଳ ବ୍ୟବହାର ସେମାନଙ୍କୁ ନିଶ୍ଚୟ ବାନ୍ଧି ରଖିବ । ଛବିର ଜାତି ବା ଧର୍ମ ନାହିଁ । ଏହା ନିରପେକ୍ଷ ଭାବରେ ବ୍ୟକ୍ତିର ଭାବନା ଭିତରକୁ ପ୍ରବେଶ କରିପାରେ । ତେଣୁ ଛବି ସମ୍ବଳିତ ବିଜ୍ଞାନ ଲେଖା ସାଧାରଣ ପାଠକର ସରଳ ମନକୁ ସହଜରେ ଛୁଇଁପାରିବ । ସୁନ୍ଦର ସୁସ୍ପଷ୍ଟ ଛବି ସମ୍ବଳିତ ପାଠ ସାଧାରଣ ପାଠକକୁ ଆଗକୁ ଆଗକୁ ପଢ଼ିବା ଦିଗରେ ଆକର୍ଷିତ କରିବ । ଆଗକୁ ଆଗକୁ ପଢ଼ିଲେ ସିନା ବିଜ୍ଞାନର ଭାବ ସହିତ ପାଠକ ନିଜକୁ ସାମିଲ କରିପାରିବ ।

ସାଧାରଣ ପାଠକର ବିଜ୍ଞାନ ସଂପର୍କିତ ଜ୍ଞାନ ସୀମିତ । ବିଜ୍ଞାନର ମୌଳିକ ଶବ୍ଦଗୁଡିକ ସହିତ ସେ ପରିଚିତ ନୁହେଁ । ସ୍କୁଲ ଜୀବନରେ ତାକୁ ବିଜ୍ଞାନ ପଢିବାର ସୁଯୋଗ ମିଳିଥିଲେ ବି ନିଜର ବ୍ୟସ୍ତ ଜୀବନ ଭିତରେ ସେସବୁ ଶବ୍ଦକୁ ପାସୋରି ଯିବା କିଛି ବଡ କଥା ନୁହେଁ । ତେଣୁ ସେପରି ପାଠକ ପାଇଁ ବିଜ୍ଞାନ ଲେଖାରେ ମୌଳିକ ବିଜ୍ଞାନ ଶବ୍ଦ ବଦଳରେ ପାଠକର ପରିଚିତ ଶବ୍ଦ ରହିବା ଜରୁରୀ । କଥିତ ଭାଷାରେ ବୈଜ୍ଞାନିକ ଧାରଣାର ଉପସ୍ଥାପନ ହିଁ ପ୍ରକୃତ ଜନପ୍ରିୟ ବିଜ୍ଞାନ । ସହଜ ଉପସ୍ଥାପନ ସହିତ ଉପଯୁକ୍ତ ଛବି ରହିପାରିଲେ ଲେଖାର ଆଦର ବୃଦ୍ଧିପାଇବ । ପାଠକ ବିଜ୍ଞାନ ଲେଖାଟିକୁ ଭଲ ପାଇବ, ବୁଝି ପାରିବ ଓ ପଠନରୁ ଆନନ୍ଦ ଅନୁଭବ କରିବ । ଜଟିଳ ବିଷୟକୁ ନେଇ ବିଜ୍ଞାନଲେଖା ପ୍ରସ୍ତୁତ କରିବା ସମୟରେ ଲେଖକ ଅତି ଯତ୍ନବାନ୍ ହେବା ଦରକାର । ସେଥିପାଇଁ ସରଳ ଛବିର ଆବଶ୍ୟକତା ରହିଛି ।








ଗପ, ଗୀତ ଓ କଥିତ ଭାଷାରେ ବିଜ୍ଞାନ ଲେଖା ଲେଖିବା ଯେମିତି ପାଠକଗ୍ରାହୀ, ଲେଖକର ମନୋଭାବକୁ ପାଠକ ନିକଟରେ ସ୍ପଷ୍ଟ କରାଇବା ସକାଶେ ଛବି ସେତିକି ଜରୁରୀ । ଶବ୍ଦର ସମୁଦ୍ର ଭିତରେ ପାଠକର ଆଖି ଦୁଇଟା ସବୁବେଳେ ପହଁରିଲେ ଥକିଯିବା ବିଚିତ୍ର କଥା ନୁହେଁ । ଗୋଟିଏ ଛବି ଏକାଧିକ ଶବ୍ଦର ପ୍ରତିନିଧି । ତେଣୁ କେବଳ ଶବ୍ଦ ସମୁଦ୍ର ଭିତରେ ପାଠକକୁ ଛାଡି ନଦେଇ ଛବି ମାଧ୍ୟମରେ ବିଜ୍ଞାନର ଧାରଣାଗୁଡିକ ଉପସ୍ଥାପିତ କଲେ, ତାହା ପାଠକର ମନକୁ ଅଧିକ ପ୍ରଭାବିତ କରିବ । ଛବି ତା'ର ମସ୍ତିଷ୍କକୁ ଭାରାକ୍ରାନ୍ତ ନ କରି ହୃଦୟକୁ ସହଜରେ ଛୁଇଁପାରିବ । ଛବି ମାଧ୍ୟମରେ ବୈଜ୍ଞାନିକ ଉପସ୍ଥାପନା ପାଠକ ହୃଦୟକୁ ଠିକ୍ ଭାବରେ ପ୍ରଭାବିତ କରିପାରିବ । ଅଳ୍ପ ପାଠ ସହିତ ଅଧିକ ଛବି ରହିଲେ ତାହା ଅଧିକ ଗ୍ରହଣୀୟ ହେବ । ଛବି ଦ୍ୱାରା ଆକର୍ଷିତ ପାଠକମନ ଛବି ପଛରେ ଲୁଚି ରହିଥିବା ବିଜ୍ଞାନକୁ ବୁଝିବା ସକାଶେ ଇଚ୍ଛା କରିବ । ଛବି ସହିତ ପାଠକର ମନ ଲାଖି ଘଟଣାର ବ୍ୟାଖ୍ୟା ଆବଶ୍ୟକ । ତାରାର ମିଟିମିଟି ଆଖି, ଗଛର ରଙ୍ଗଭରା ଫୁଲ, ଚଢ଼େଇର ଚିଁ ଚିଁ ସ୍ୱର, ଆକାଶର ଇନ୍ଦ୍ରଧନୁ, ହଳଲଙ୍ଗଳର କଥା, ବାସି ପଖାଳର ସ୍ୱାଦ, ବର୍ଷାଦିନର କୁଆପଥର, ଲଘୁଚାପ, ପାଣିପାଗ, ମୃତ୍ୟୁକୁ ଜୟ କରିବା ଇଚ୍ଛା, ଜୀବନକୁ ସରସ କରିବାର ବୈଜ୍ଞାନିକ ଉପାୟ ଓ ସାମ୍ପ୍ରତିକ ଘଟଣା ପଛରେ ଲୁଚି ରହିଥିବା ବୈଜ୍ଞାନିକ କାରଣ ଇତ୍ୟାଦି ବିଷୟରେ ସାଧାରଣ ପାଠକର ଅଳ୍ପ ବହୁତ ଆଗ୍ରହ ଥାଏ । ସେଭଳି ଘଟଣାଗୁଡିକର ସରଳ ତଥା ଛବି ସମ୍ବଳିତ ବୈଜ୍ଞାନିକ ଉପସ୍ଥାପନ ନିଃସନ୍ଦେହ ପାଠକର ମନକୁ ଅକ୍ଳେଶରେ ଆହ୍ଲାଦିତ କରି ପାରିବ ।

ସରଳ ଶିଶୁମାନସ ବୈଜ୍ଞାନିକ ଚିନ୍ତାଧାରାକୁ ଗ୍ରହଣ କରିବା ସମ୍ଭବ ନୁହେଁ ବୋଲି ଅନେକ ମହଲରେ ଚର୍ଚ୍ଚା ହୁଏ । କିନ୍ତୁ ରଂଗିନ ଛବି ସହାୟତାରେ ଶିଶୁର ସରଳ ମାନସିକତା ପରିସରକୁ ବିଜ୍ଞାନକୁ ସହଜରେ ଅଣାଯାଇପାରିବ । ଆକାଶର ରୁପା ଜହ୍ନ ଆଉ ଚକମକ ତାରାର ଚିତ୍ର, ଖେଳନା ଛବିର ଆକର୍ଷଣୀୟ ରଙ୍ଗ, ଘର ଭିତରେ ଭିନ୍ନ ଭିନ୍ନ ଶବ୍ଦ ସୃଷ୍ଟି କରି ଚାଲୁଥିବା ଗାଡିର ଛବି ଓ ନାଚୁଥିବା ଖେଳନା କଣ୍ଢେଇର ଛବି ଶିଶୁର ସରଳ ମନକୁ ଆକର୍ଷିତ କରିପାରିବ । ଟମ୍ ବିଲେଇ ଓ ଜେରୀ ମୂଷାର ଛବି ସହିତ ତତ୍ ସଂପର୍କିତ ବିଜ୍ଞାନ ଲେଖା ଶିଶୁକିଶୋର ଉପଯୋଗୀ ହେବ । ଅନୁକୂଳ ପରିସ୍ଥିତିରେ ଶିଶୁର ମନ ଭିତରେ ସୁନ୍ଦର ଛବିର ସହାୟତା ପୂର୍ବକ ବିଜ୍ଞାନ ପ୍ରତି ସହଜରେ ଆକର୍ଷଣ ସୃଷ୍ଟି କରାଯାଇ ପାରିଲେ ସମସ୍ୟାର ସମାଧାନ ହୋଇପାରିବ ।




-ସହକାରୀ ପ୍ରାଧ୍ୟାପକ (ଓଡିଶା ଶିକ୍ଷା ସେବା),
ଭଦ୍ରକ ଅଟୋନମସ କଲେଜ, ଭଦ୍ରକ
ମୋ: ୯୪୩୯୫୦୧୬୫୧

# ତୁ ମ ତୂ ଳୀ ରୁ




୧




୨




୩




୪



୫



୬



୭



୮



୯



୧୦



୧
**ସୋଭିନ୍ ଦାସ**
କ୍ଲାସ-୨, ଲୋଧା ୱାର୍ଲ୍ଡ ସ୍କୁଲ୍, ଡମ୍ବିଭାଲି, ମୁମ୍ବାଇ



୨
**ଇନ୍ଦୁମତୀ ମୁନା**
କ୍ଲାସ-୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର



୩
**ବି. ସୋମ୍ୟସିଦ୍ଧାର୍ଥ**
କ୍ଲାସ-୨, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୋତାପୋଖରୀ, କଟକ



୪
**ପୀୟୁଷ୍ ମହାନ୍ତି**
କ୍ଲାସ-୬, କେମ୍ବ୍ରିଜ୍ ବିଦ୍ୟାଳୟ, ପୁଣେ, ମହାରାଷ୍ଟ୍ର



୫
**ସ୍ୱୟଂ ସାହୁ**
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମରାଡିରା, ଅନୁଗୋଳ



୬
**ଶୁଭ୍ରାଂଶୁ ପୁହାଣ**
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ନୂଆଗଡ଼, ଜଗତ୍‌ସିଂହପୁର



୭
**ତୁଷାର ମିଶ୍ର**
କ୍ଲାସ-୪,ଗୌରୀଶଙ୍କର ଇଂଲିଶ୍ ମିଡିୟମ୍ ସ୍କୁଲ୍, ଭୁବନେଶ୍ୱର



୮
**ସୁଦର୍ଶନ ଜେନା**
କ୍ଲାସ - ୮, ପଲେଇ ପ୍ରକଳ୍ପ ଉନ୍ନୀତ ଉ.ପ୍ରା. ବିଦ୍ୟାଳୟ, ଚାନ୍ଦୋଳ,କେନ୍ଦ୍ରାପଡା



୯
**ପ୍ରଜ୍ଞାସୀନୀ ଦାସ**
କ୍ଲାସ-୪, ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍, ବାଲେଶ୍ୱର



୧୦
**ସୌଦାମିନୀ ରାୟ**
କ୍ଲାସ-୮, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ଼, ବଲାଙ୍ଗୀର

## କବିତା

# ମୋ ମହକ ଯାଉ ଖେଳି

ଡ. ଯୁଗଳ କିଶୋର ଷଡ଼ଙ୍ଗୀ

ମୁଁ ସରଳ, ମୁଁ ଚପଳ
ମୁଁ ନିର୍ମଳ, ମୁଁ କୋମଳ
ମୁଁ ଅଟେ ନିଷ୍ପାପ କଳି
ଗଢ଼ି ତୋଳ ମୋତେ ସରସ ସୁନ୍ଦରେ
ମୋ ମହକ ଯାଉ ଖେଳି।

ମାଆର କୋଳ ଶିଶୁର ବଳ
ତା' ପାଇଁ ସରଗପୁର
ମାଆର କ୍ଷୀର ଅମୃତଧାର
ମମତାଭରା ସାଗର।

କନ୍ୟା ରତନ କର ଯତନ
ଅଲୋଡ଼ା ନୁହଁଇ କନ୍ୟା
କନ୍ୟା ତ ହୁଅଇ ଜନନୀ,
ଜାୟା
ସ୍ନେହ ମମତାର ବନ୍ୟା।
ଶିଶୁକୁ ନ ମଣିବ ହୀନ,
ପୂର୍ଣ୍ଣାଙ୍ଗ ମଣିଷ ସମାନ
ଶିଶୁଟି ବିଭୁଦତ୍ତ ଧନ,
ଆଦରେ କର ହେ ଯତନ।

*–ନୀଳଚକ୍ର ନଗର,
ଟିଟିଲାଗଡ଼, ବଲାଙ୍ଗୀର*



# ପଶୁପକ୍ଷୀ ଆପଣାର

ନଟବର ସାହୁ

ଟେଁ ଟେଇଁଆ ବଣି
ପୋଖରୀ କୂଳେ ଲାଞ୍ଜକୁ ଟେକି
ପିଇ ଯାଉଛି ପାଣି।
ଏପଟ ସେପଟ ଚାହିଁ
ଡେଇଁ ଡେଇଁକା ଖୋଜଇ ଖାଦ୍ୟ
ପାଉନି ଖାଦ୍ୟ କାହିଁ।
ମାମାଲି ତାକୁ ଦେଖି
ବୁଣିଲା ଖୁଦ ଭୂଇଁ ଉପରେ
ଖାଉଛି ଟୋକିଟାକି।
କହେ ମାମାଲି ଶୁଣ
ପଞ୍ଜୁରି ଅଛି ରଖି ସାଇତି
ରହିବୁ ଆରେ ଧନ।
ଖାଇବୁ କୋଳି ଚଣା
ଚାହିଁବୁ ଯେତେ ଦେବି ମୁଁ ତତେ
କରନା କେବେ ମନା।

ମାମାଲି ଶୁଣ କଥା
ସ୍ୱାଧୀନ ହୋଇ ବନ୍ଦି ହେବାକୁ
ମନକୁ ଦେବ ବ୍ୟଥା।
ତୁମକୁ କିଏ ବାନ୍ଧି
ଚୋରେଇ କରି ନେବ ଯଦିବା
ଭୟରେ ଥିବୁ କାନ୍ଦି।
ଯାଉଛି ଉଡି ଦୂରେ
ଧରିବା ପାଇଁ କରନା ଚେଷ୍ଟା
ଯା ତୋ ନିଜ ଘରେ।
ପଶୁପକ୍ଷୀ ଆପଣାର
ଖୁସି ହେଉଥା ସେମାନଙ୍କୁ ଦେଖି
କରନାହିଁ ହତାଦର।

*ଏଲ୍–୩୮, ବରମୁଣ୍ଡା, ଭୁବନେଶ୍ୱର*




## ଶିଶୁ ପ୍ରତିଭା

# ଅଲ୍‌ରାଉଣ୍ଡର୍ ସ୍ୱପ୍ନଦୀପ୍

ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ। ବୟସ ସିନା ୧୪ ବର୍ଷ, ହେଲେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି ସେ। ବିଶେଷଭାବରେ ବିଜ୍ଞାନଭିତ୍ତିକ ବିଷୟବସ୍ତୁ ପ୍ରତି ରହିଛି ତାଙ୍କର ସ୍ୱତନ୍ତ୍ର ଆକର୍ଷଣ। ସେ ହେଲେ ସ୍ୱପ୍ନଦୀପ୍ ମହାପାତ୍ର। ଭୁବନେଶ୍ୱର ନୀଳାଦ୍ରିବିହାରରେ ତାଙ୍କର ଜନ୍ମ। ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ନବମ ଶ୍ରେଣୀର ଛାତ୍ର। ବିଭିନ୍ନ ବିଜ୍ଞାନ ମେଳାରେ ନିଜ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। କମ୍ପ୍ୟୁଟର ସାଇନ୍ସରେ ୯ଟି ଲାଙ୍ଗୁଏଜ୍‌ର କୋର୍ସ କରିଛନ୍ତି ସେ। ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ମେଳାରେ ସାଇଣ୍ଟିଫିକ୍ ସଲ୍ୟୁସନ୍‌ସ ଫର ଚ୍ୟାଲେଞ୍ଜେସ୍ ଇନ୍ ଲାଇଫ୍‌ରେ ଅଂଶଗ୍ରହଣ କରିଥିଲେ। ୨୬ତମ ରାଜ୍ୟସ୍ତରୀୟ ଚିଲ୍‌ଡ୍ରେନ୍‌ସ ସାଇନ୍ସ କଂଗ୍ରେସ –୨୦୧୮ରେ କୁନି ବୈଜ୍ଞାନିକ ଭାବେ ପୁରସ୍କୃତ ହୋଇଥିଲେ। ୨୬ତମ ଜାତୀୟ ପିଲାଙ୍କ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରତିଯୋଗିତାରେ ଇ ସ୍ୱଚ୍ଛବିନ୍ ୨୦୧୯ ପ୍ରକଳ୍ପ ପ୍ରଦର୍ଶନ କରି ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଖୋର୍ଦ୍ଧା ତରଫରୁ ପ୍ରଶଂସିତ ହୋଇଛନ୍ତି। ଏଥିପାଇଁ ସେ ଅନ୍ତର୍ଜାତୀୟ ଶିଶୁ ବିଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ନିଜର ସଫଳତା ପଛରେ ମା' ସ୍ୱପ୍ନା ନନ୍ଦ, ବାପା ଦୀପକ କୁମାର ମହାପାତ୍ର ଏବଂ ମାମୁ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ସଂଳାପକାର ଡ. ରଜନୀ ରଞ୍ଜନଙ୍କ ପ୍ରେରଣାକୁ ସର୍ବାଗ୍ରେ ସ୍ମରଣ କରନ୍ତି ଏହି ପ୍ରତିଭା। ଅବସର ସମୟରେ ସେ ଇନୋଭେଟିଭ୍ କଥା ଜାଣିବାରେ ବ୍ୟସ୍ତ ଥାଆନ୍ତି। କେବଳ ସେତିକି ନୁହେଁ ନିଜକୁ ଜଣେ ମେଧାବୀ ଛାତ୍ର ଭାବରେ ପରିଚିତ କରାଇପାରିଛନ୍ତି। ଭବିଷ୍ୟତରେ ଆଇଟିରେ କ୍ୟାରିଅର କରିବାକୁ ଲକ୍ଷ୍ୟ ରଖିଛନ୍ତି ସ୍ୱପ୍ନଦୀପ୍।

# ଗାଡି ଧାଇଁଥିଲା କଲିକତାକୁ

ଏଥର ଶିଶୁ କବିତା ସଙ୍କଳନ 'ଗାଡି ଧାଇଁଥିଲା କଲିକତାକୁ'ରେ ରହିଛି ବରଦାନ, କଟକ, ରାକ୍ଷୀ, ଶିବରାତ୍ରି, ନାକକାନ୍ଦୁରୀ, ମେଘ ଘୁଡୁଘୁଡୁ, ନୂଆଁଖାଇ, କରାମତି, ମହତଗୁଣ, ମନ୍ଥନ, ଅସଲପାଠ, ସ୍ୱଭାବ କବି, ଚାଲିଥିବୁ ଆଗେଇ ପରି ରହିଛି କେତୋଟି ଶିକ୍ଷଣୀୟ କବିତା। ଛନ୍ଦା ମିଶ୍ରଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ରହିଛି ୭୦ଟଙ୍କା।




**ଯୋଗାଯୋଗ**
ପ୍ରକାଶିକା, ୩ଆର୍–୬,
ବିଜେବି ନଗର, ଭୁବନେଶ୍ୱର


## ଏଥରର ପ୍ରଶ୍ନ ?

- ସୌରଜଗତରେ କେତୋଟି ଗ୍ରହ ରହିଛି ?
- ସବୁଠାରୁ ଉତ୍ତପ୍ତ ଗ୍ରହ ?
- କେଉଁ ଗ୍ରହର ସବୁଠାରୁ ଅଧିକ ଉପଗ୍ରହ ଅଛି ?
- ପୃଥିବୀର ନିକଟତମ ତାରା ?
- କେଉଁ ଗ୍ରହକୁ ନୀଳ ଗ୍ରହ ବୋଲି କୁହାଯାଏ ?

## ଆର ଥରର ଉତ୍ତର

- ମାଘମାସ ଶୁକ୍ଳ ପଞ୍ଚମୀ ତିଥି
- ଶ୍ରୀପଞ୍ଚମୀ / ବସନ୍ତ ପଞ୍ଚମୀ
- ମା' ସରସ୍ୱତୀ
- ବୀଣା
- ହଂସ

## ପାର୍ଥକ୍ୟ ଦର୍ଶାଅ



# ଜଣା ଅଜଣା

✲ ରେଡ୍ ପୋଷ୍ଟମ୍ୟାନ ନାମକ ପ୍ରଜାପତି ବିଷାକ୍ତ ଗଛର ପତ୍ରକୁ ଖାଦ୍ୟ ରୂପେ ଗ୍ରହଣ କରି ନିଜ ଶରୀରରେ ବିଷ କ୍ରିୟା ସୃଷ୍ଟି କରିଥାଏ।



✲ ଆଇସ୍‌ଲାଣ୍ଡ ଏକମାତ୍ର ଏଭଳି ଦେଶ, ଯେଉଁଠାରେ ମଶା କିମ୍ବା ସାପ ଦେଖାଯା'ନ୍ତି ନାହିଁ।






✲ ପୃଥିବୀର ଦୀର୍ଘତମ ନଦୀ ଭାବେ ବିବେଚିତ ନୀଳ ନଦୀ ୯ଟି ଦେଶ ମଧ୍ୟ ଦେଇ ପ୍ରବାହିତ ହୋଇଥାଏ।

✲ ଗୋଟିଏ ମହୁମାଛି ଦଳ ବର୍ଷକରେ ପ୍ରାୟ ୧୦୦ କିଲୋଗ୍ରାମ ମହୁ ପ୍ରସ୍ତୁତ କରିଥାଏ।



✲ ପିମ୍ପୁଡିର କାନ ନ ଥାଏ। ଏମାନେ ଭୂକମ୍ପନ ଦ୍ୱାରା ଶବ୍ଦ ବାରିଥା'ନ୍ତି।





✲ ଫ୍ଲାଇଂ ଫକ୍ସ ପ୍ରଜାତିର ବାଦୁଡ଼ି ହେଉଛି ପୃଥିବୀର ସବୁଠାରୁ ବଡ଼ ବାଦୁଡ଼ି ପ୍ରଜାତି।

✲ ଭାରତର ଜାତୀୟ ପକ୍ଷୀ ଭଳି ମୟୂର ମ୍ୟାନ୍‌ମାର୍‌ର ମଧ୍ୟ ଜାତୀୟ ପକ୍ଷୀ।



# ଆଇନା



ଶେଖର
୮ ବର୍ଷ

ଲିପି
୧୦ ବର୍ଷ





ଇପ୍‌ସିତା
୯ ବର୍ଷ